ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

# ନୋଟିସ

ସଂଖ୍ୟା 1226 /୨୦୨୬ ତାରିଖ : 26 / 03 /୨୦୨୬

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୨୧ ର ଅଧିନିୟମ (୧) ଓ (୨) ଅନୁଯାୟୀ ଏହି ନୋଟିସ ଦ୍ୱାରା ସୂଚାଇ ଦିଆଯାଉଅଛି କି ଯେ, ତାରିଖ ୧୭/୦୩/୨୦୨୬ ରେ ଓଡିଶା ଗେଜେଟରେ ପ୍ରକାଶିତ ନମ୍ବର- 1149/୨୦୨୬, ତାରିଖ-୧୭/୦୩/୨୦୨୬ ର ଘୋଷଣାପତ୍ର କ୍ରମେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ (୧) ଅନୁସାରେ ସର୍ବସାଧାରଣଙ୍କ ସକାଶେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ **ଗ୍ରାମ : ଗୁଣ୍ଡାଗୁଡା , ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡା, ଜିଲ୍ଲା** : କୋରାପୁଟ ରୁ ପ୍ରସ୍ତାବିତ ଏକର **5.779** ସେଣ୍ଟ ପରିମିତ ଯେଉଁ ଜମିର ବିବରଣୀ ନିମ୍ନ ତଫସିଲ ରେ ଦିଆଗଲା ଏବଂ ଯହିଁରେ ରେଳ ରେଖା ଚିହ୍ନ ଦିଆଯାଇ ମାପ କରାଯାଇଅଛି , ସେହି ଜମି ଭାରତ ସରକାରଙ୍କ ତରଫରୁ ଓଡିଶା ସରକାର ସର୍ବସାଧାରଣ ସକାଶେ ଉକ୍ତ ରେଳ ସଂଯୋଗି କରଣ ପ୍ରକଳ୍ପ ସକାଶେ ନେବା ହେବେ । ସେହି ଜମିରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି, ସେମାନଙ୍କ ପ୍ରତି ଏତଦ୍ୱାରା ଏହି ଆଦେଶ ହେଉଅଛି ଯେ, ଏହି ନୋଟିସ ପ୍ରକାଶ ହେବାର ଏକ ମାସ ମଧରେ ଅର୍ଥାତ, ତାରିଖ 07·07·2025, ଘ 10.00 ଣ୍ଟା ସମୟରେ **ବୈପାରିଗୁଡା ତହସିଲ କାର୍ଯ୍ୟାଳୟରେ** ସେମାନେ ସ୍ୱୟଂ କିମ୍ବା ନିଜ ନିଜର କ୍ଷମତାପ୍ରାପ୍ତ ପ୍ରତିନିଧି କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ ସେହି ଜମିରେ ଆପଣା ଅପଣାର ସ୍ୱାର୍ଥର ସମସ୍ତ ପ୍ରକୃତି ବିବରଣୀ ଓ ସେହି ସ୍ୱାର୍ଥ ନିମିତ ସେମାନେ ବା ଅନ୍ୟମାନେ ଯାହାର ଯେ କୌଣସି ନ୍ୟସ୍ତସ୍ୱାର୍ଥ ଥାଏ, ତାହା ପ୍ରାଞ୍ଜଳ ଭାବେ ଦର୍ଶାଇ ସ୍ୱାକ୍ଷର କରି କ୍ଷତିପୂରଣର ପରିମାଣ ଓ ଯେତେ ଟଙ୍କା ଦାବୀ କରନ୍ତି ଓ ସେହି ଦବିର ସବିଶେଷ ବିବରଣୀ ଏବଂ ଉକ୍ତ ଜମିର ଜମି ଅଧିଗ୍ରହଣ ଆଇନ (RFCTLAR & R Act, 2013) ଧାରା ୧୨ ଓ ୨୦ ଅନୁଯାୟୀ ହୋଇଥିବା ମାପ ସମ୍ବନ୍ଧରେ ସେମାନଙ୍କର କୌଣସି ଆପତ୍ତି ଥିଲେ, ତାହା ଓ ସେ ଜମି ଉପରେ ଗତ ତିନିବର୍ଷ ଯାଏ ଥିବା ବନ୍ଧକସତ୍ତ୍ୱ, ସୁଧ ଇତ୍ୟାଦିର ପୁରା ବିବରଣୀ ଓ ଅନ୍ୟାନ୍ୟ ସତ୍ତ୍ୱାଧିକାରୀଙ୍କ ନାମ, ଧାମ ଓ ପୁରା ଠିକଣା ଲିଖିତ ଭାବେ ଦାଖଲ କରି ଜଣାଇବେ ।

ପୁନଶ୍ଚ ଏହା ଅବଗତି କରାଯାଉଅଛି ଯେ **ମୌଜା : ଗୁଣ୍ଡାଗୁଡା, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡା, ଜିଲ୍ଲା** : କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ ଜିଲ୍ଲା ୱେବସାଇଟ www. koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ଟଫସିଲ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୁଚି)

ଜିଲ୍ଲା : କୋରାପୁଟ

ତହସିଲ : **ବୈପାରିଗୁଡା**

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଗୁଣ୍ଡାଗୁଡା** | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଜିଲ୍ଲାପାଳ, କୋରାପୁଟ

**ପରିପତ୍ର ସଂଖ୍ୟା ୧୨୨୫ ୨୦୨୬** **ତାରିଖ ୨୦/୦୭/୨୦୨୫**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଯୁଗ୍ମ ଶାସନ ସଚିବ, ରାଜସ୍ୱ ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା ୧୨୨୬ ୨୦୨୬** **ତାରିଖ ୨୨/୦୭/୨୦୨୫**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଅତିରିକ୍ତ ଶାସନ ସଚିବ, ରାଜସ୍ୱ କମିଶନର୍, ଦକ୍ଷିଣାଞ୍ଚଳ, ବ୍ରହ୍ମପୁର, ଓଡିଶାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା ୧୨୨୭ ୨୦୨୬** **ତାରିଖ ୨୨/୦୭/୨୦୨୫**

ଏହାର ଏକକିତା ନକଲ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, କୋରାପୁଟ/ ରାୟଗଡା ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବତଟ ରେଳପଥ, ଭୁବନେଶ୍ୱରଙ୍କ ଅବଗତି ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା |

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା ୧୨୩୦ ୨୦୨୬** **ତାରିଖ ୨୨/୦୭/୨୦୨୫**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ସଂପୃକ୍ତ ଗ୍ରାମପଞ୍ଚାୟତ ର ସରପଞ୍ଚ ଙ୍କ ଅବଗତି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା ୧୨୩୧ ୨୦୨୬** **ତାରିଖ ୨୨/୦୭/୨୦୨୫**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଉପ-ଜିଲ୍ଲାପାଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

**ପରିପତ୍ର ସଂଖ୍ୟା ୧୨୩୨ ୨୦୨୬** **ତାରିଖ ୨୨/୦୭/୨୦୨୫**

ଏହାର ଏକକିତା ନକଲ ସହ ନୋଟିସ ଓ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲା ଇ-ଗୋଭରନେନ୍ସ ପରିଚାଳକ (DeGM), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟଙ୍କ ଅବଗତି ଏବଂ ଜିଲ୍ଲା ୱେବସାଇଟ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରିବା ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ**

## ଭୂମି ଅନୁସୂଚୀ

**ମୌଜା: ଗୁଣ୍ଡାଗୁଡା, ଥାନା-ବୈପାରିଗୁଡା ନଂ-୧୦୧, ତହସିଲ-ବୈପାରିଗୁଡା,ଜିଲ୍ଲା-କୋରାପୁଟ**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା(ଏକର) | ଅଧିଗ୍ରହଣ ରକବା(ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୧ | ରୟତି | ୩୧ | ୦.୬୩୦ | ୦.୨୩୦ | ଡଙ୍ଗର | ଗିରିଜା ଭୂଷଣ ବେହେରା,ପି-ସୋମନାଥ ବେହେରା, ଜା-କରଣ,ବା-ବୈପାରିଗୁଡା |
| ୩୦ | ରୟତି | ୪୦ | ୦.୪୨୦ | ୦.୧୫୮ | ଡଙ୍ଗର | ଘାସିରାମ ଗୌଡ,ପି-ବଳରାମ ଗୌଡ,ଜା-ଗୌଡ,ବା-ବୈପାରିଗୁଡା |
| ୩୦ | ରୟତି | ୪୧ | ୦.୩୯୫ | ୦.୦୭୭ | ଡଙ୍ଗର | |
| ୩୦ | ରୟତି | ୪୨ | ୦.୪୩୨ | ୦.୧୧୯ | ଡଙ୍ଗର | |
| ୩୧ | ରୟତି | ୨୭ | ୩.୪୫୨ | ୦.୦୧୪ | ଡଙ୍ଗର | ଘେନୁ ମୁଦୁଲି,ମିଲକି ମୁଦୁଲି, ପି-ଜଟୁ ମୁଦୁଲି,ଡମ୍ବୁ ମୁଦୁଲି,ଜାନି ମୁଦୁଲି, ମାନସିଂ ମୁଦୁଲି,ଜଇମତି ମୁଦୁଲି,ଟୁନି ମୁଦୁଲି,ପି-ଘାସି ମୁଦୁଲି,ଯମୁନା ମୁଦୁଲି,ସ୍ୱା-ଘାସି ମୁଦୁଲି,ବାସ ମୁଦୁଲି,ସଦନ ମୁଦୁଲି,ସନାଇ ମୁଦୁଲି,ନିଲା ମୁଦୁଲି,ପି-ବଣ୍ଡା ମୁଦୁଲି,ଜା-ଭୂମିଆ, ବା-ନିଜଗାଁ |
| ୩୧ | ରୟତି | ୨୮ | ୦.୭୫୪ | ୦.୧୨୪ | ଡଙ୍ଗର | |
| ୩୩ | ରୟତି | ୫୯ | ୦.୧୦୬ | ୦.୦୪୫ | ଧାନ ଅଣଜଳସେଚିତ ଏକ | ଚନ୍ଦ୍ର କମାର,ରତ୍ନାକର କମାର,ପି-ରଘୁନାଥ କମାର,ଦନାଇ କମାର,ସ୍ୱା-ରଘୁନାଥ କମାର,ସୁବର୍ଣ୍ଣ କମାର,ପି-ବନମାଳି କମାର,ଜା- କମାର,ବା-ନିଜଗାଁ |
| ୩୩ | ରୟତି | ୬୦ | ୧.୦୬୩ | ୦.୦୦୪ | ଧାନ ଅଣଜଳସେଚିତ ଏକ | |
| ୩୫ | ରୟତି | ୪୮ | ୦.୩୪୧ | ୦.୩୪୧ | ଘରବାରି | ଚନ୍ଦ୍ର ସେଖର ମହାପାତ୍ର, ପି-ମଦନମୋହନ ମହାପାତ୍ର,ଜା-ଖଣ୍ଡାୟତ,ବା-ବୈପାରିଗୁଡା |
| ୪୦ | ରୟତି | ୩୦ | ୦.୫୩୧ | ୦.୦୯୫ | ଡଙ୍ଗର | ଜନାର୍ଦ୍ଦନ ଗଉଡ, ପ୍ରଶନ୍ନ ଗଉଡ,ପ୍ରଦିପ ଗଉଡ, ପି-ଗୋପିନାଥ ଗଉଡ,ଯଶୋବନ୍ତି ଗଉଡ,ସ୍ୱା-ଗୋପିନାଥ ଗଉଡ,ଜା-ଗଉଡ, ବା-ବୈପାରିଗୁଡା |
| ୪୦ | ରୟତି | ୩୨ | ୦.୬୪୭ | ୦.୬୪୭ | ଡଙ୍ଗର | |
| ୪୦ | ରୟତି | ୩୩ | ୦.୩୩୪ | ୦.୦୮୫ | ଡଙ୍ଗର | |
| ୬୮ | ରୟତି | ୨୯ | ୦.୦୯୯ | ୦.୦୯୯ | ଡଙ୍ଗର | ପ୍ରଶାନ୍ତ କୁମାର ଗଉଡ,ପ୍ରତାପ ଗଉଡ,ସୁଶାନ୍ତ ଗଉଡ,ସୁକାନ୍ତ ଗଉଡ,ଉର୍ମିଳା ଗଉଡ,ପି-ହରିହର ଗଉଡ,କୁମାରି ଗଉଡ,ସ୍ୱା-ହରିହର ଗଉଡ,ଜା-ଗଉଡ,ବା-ନିଜଗାଁ |
| ୬୮ | ରୟତି | ୩୫ | ୦.୧୯୮ | ୦.୦୧୩ | ଡଙ୍ଗର | |
| ୭୦ | ରୟତି | ୩୪ | ୦.୨୭୧ | ୦.୨୭୧ | ଡଙ୍ଗର | ସାଲୁର ପାର୍ଥ ସାରଥି ପଟ୍ଟନାୟକ,ପି-ସାଲୁରୁ ସୁର୍ଯ୍ୟନାରାୟଣ ପଟ୍ଟନାୟକ,ଜା-କରଣ,ବା-ନିଜଗାଁ |
| ୧୪୫ | ରୟତି | ୩୪/୧୭୦ | ୦.୩୪୫ | ୦.୨୯୨ | ଡଙ୍ଗର | ଶାନ୍ତିଲତା ପଣ୍ଡା, ସ୍ୱା-କୈଳାଶ ଚନ୍ଦ୍ର ପଣ୍ଡା, ଜା-ବ୍ରାହ୍ମଣ, ବା-ଦିଗାପୁର |
| ୭୭ | ରୟତି | ୫୧ | ୦.୬୭୨ | ୦.୩୪୬ | ଡଙ୍ଗର | ବାଇଧର ଜଗଦେବ, ପି-ଚକ୍ରଧର ଜଗଦେବ,ଜା-ଖଣ୍ଡାୟତ,ବା-ବୈପାରିଗୁଡା |
| ୭୭ | ରୟତି | ୫୨ | ୩.୩୩୬ | ୦.୦୬୫ | ଡଙ୍ଗର | |
| ୭୭ | ରୟତି | ୪୮/୧୦୫୫ | ୦.୨୭୭ | ୦.୦୭୦ | ଡଙ୍ଗର | ବାଇଧର ଜଗଦେବ, ପି-ଚକ୍ରଧର ଜଗଦେବ,ଜା-ଖଣ୍ଡାୟତ,ବା-ବୈପାରିଗୁଡା |

Special Land Acquisition Officer
Jeypore - Malkangiri new B.G. Rail
Link Project-cum-Tahasildar, Boipariguda.

| | | | | | | |
|---|---|---|---|---|---|---|
| ୧୦୫ | ରୟତି | ୧୮ | ୦.୦୭୪ | ୦.୦୬୩ | ଡଙ୍ଗର | ମାଧବ ପଣ୍ଡା.ପି-ଶୁକଦେବ ପଣ୍ଡା,ଜା-ବ୍ରାହ୍ମଣ,ବା-ଗାନ୍ଧିନଗର ରାୟଗଡା |
| ୧୦୫ | ରୟତି | ୪୭ | ୦.୦୮୪ | ୦.୦୮୪ | ଡଙ୍ଗର | |
| ୧୭୦/<br>୧୧୫ | ରୟତି | ୪୭/<br>୧୧୯୭ | ୦.୦୪୯ | ୦.୦୪୯ | ଡଙ୍ଗର | ବିଶ୍ବଜିତ ମଲ୍ଲ, ପି-କୋରା ମଲ୍ଲ, ଜା-ଖଣ୍ଡାୟତ, ବା-ନିଶିନିପାଖନା,<br>(ଦରାଗୁଡା), ବୈପାରିଗୁଡା |
| ୧୭୦/<br>୧୧୬ | ରୟତି | ୪୭/<br>୧୧୯୮ | ୦.୦୪୯ | ୦.୦୧୯ | ଡଙ୍ଗର | ବିଜୟ କୁମାର ମଲ୍ଲ, ପି-କୋରା ମଲ୍ଲ, ବା-ନିଶିନିପାଖନା,<br>(ଦରାଗୁଡା), ବୈପାରିଗୁଡା |
| ୧୧୦ | ରୟତି | ୩୬ | ୦.୩୨୧ | ୦.୩୦୦ | ଡଙ୍ଗର | ରମେଶ କୁମାର ପାଳ, ପି-ରଘୁନାଥ ପାଳ,ଜା-ବ୍ରାହ୍ମଣ,ବା-ଜୟପୁର,<br>ସୌରାସାହି |
| ୧୧୬ | ରୟତି | ୫୭ | ୦.୦୩୭ | ୦.୦୦୩ | ଧାନ ଅଣ<br>ଜଳସେଚିତ ଦୁଇ | ରାମ ମସିଆ,ପି-ଡମ୍ବରୁ ମସିଆ, ଜା-ଭୁୟାଁ,ବା-ନିଜଗାଁ |
| ୧୧୬ | ରୟତି | ୫୮ | ୧.୦୮୭ | ୦.୫୭୭ | ଧାନ ଅଣ<br>ଜଳସେଚିତ ଦୁଇ | |
| ୧୧୬ | ରୟତି | ୧୦ | ୦.୬୩୦ | ୦.୧୩୭ | ଧାନ ଅଣ<br>ଜଳସେଚିତ ଦୁଇ | |
| ୧୩୪ | ରୟତି | ୩୭ | ୦.୪୨୦ | ୦.୦୧୮ | ଡଙ୍ଗର | ସତ୍ୟଭାମା ପାଢୀ,ସ୍ବା-ସିମାଦ୍ରି ପାଢୀ,ଜା-ବ୍ରାହ୍ମଣ,ବା-ବୈପାରିଗୁଡା |
| ୧୫୦ | ରୟତି | ୧୪ | ୧.୭୭୯ | ୧.୩୩୪ | ଘରବାରି | ସାବିତ୍ରି ମହାପାତ୍ର,ସ୍ବା-ଚନ୍ଦ୍ରଶେଖର ମହାପାତ୍ର,ଜା-ଖଣ୍ଡାୟତ,ବା-<br>ବୈପାରିଗୁଡା |
| ୧୫୦ | ରୟତି | ୫୦ | ୦.୨୩୫ | ୦.୧୦୦ | ଘରବାରି | ସାବିତ୍ରି ମହାପାତ୍ର,ସ୍ବା-ଚନ୍ଦ୍ରଶେଖର ମହାପାତ୍ର,ଜା-ଖଣ୍ଡାୟତ,ବା-<br>ବୈପାରିଗୁଡା |
| | | ମୋଟ | | ୫.୭୭୯ | | |

| ଅଧିଗ୍ରହଣ ନିମନ୍ତେ ମୋଟ୍ ବ୍ୟକ୍ତିଗତ ଜମି | |
|---|---|
| **ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି** | **୫.୭୭୯** |
| **ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି** | - |
| **ମୋଟ** | **୫.୭୭୯** |

Special Land Acquisition Officer
Jeypore - Malkangiri new B.G. Rail
Link Project-cum-Tahasildar, Boipariguda.